# NATIONAL NEWS BULLETIN (ODIA)

**3 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଶିକ୍ଷାଠାରୁ ଯଦି ଆଉ କିଛି ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ଥାଏ ତାହା ହେଉଛି ଚରିତ୍ର-କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ହରିୟାଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସଂଧ୍ୟାରେ ଶେଷ ହେବ ପ୍ରଚାରକାର୍ଯ୍ୟ; ଅକ୍ଟୋବର ୫ରେ ଭୋଟ୍‌ଗ୍ରହଣ ।

- ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା କୌଟିଲ୍ୟ ଆର୍ଥିକ ସମ୍ମିଳନୀକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ନେପାଳ ବନ୍ୟା ଓ ଭୂ-ସ୍ଖଳନରେ ମୃତ୍ୟୁସଂଖ୍ୟା ୨୩୩କୁ ବୃଦ୍ଧି ।

- ବିହାର ବନ୍ୟାରେ ୪ଟି ଜିଲ୍ଲାର ଅନେକ ଗାଁ ଜଳମଗ୍ନ ।

ଏବଂ

- ସାରଜାରେ ଆଜିଠାରୁ ଆରମ୍ଭ ହେଉଛି ଆଇସିସି ନବମ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍ ।

# ପ୍ରେସିଡେଣ୍ଟ ରାଜସ୍ଥାନ ଭିଜିଟ୍

ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜୀବନରେ ଚରିତ୍ର ମଳିନ ହେବାଭଳି କୌଣସି କାର୍ଯ୍ୟ ନକରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ରାଷ୍ଟ୍ରପତି କହିଛନ୍ତି ଛାତ୍ରଛାତ୍ରୀମାନେ ବିବେକାନୁମୋଦିତ କାର୍ଯ୍ୟକରି ସେମାନଙ୍କ ବ୍ୟବହାର ଏବଂ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ । ଆଜି ରାଜସ୍ଥାନ ଉଦୟପୁରସ୍ଥିତ ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟର ୩୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଯଦି ଶିକ୍ଷାଠାରୁ ଆଉ କିଛି ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ଥାଏ ତାହା ହେଉଛି ଚରିତ୍ର । ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳ ହେବାପାଇଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହ୍ୱାନ ଦେଇଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ଏକବିଂଶ ଶତାବ୍ଦୀରେ ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି । ଜ୍ଞାନ, ବିଜ୍ଞାନ ଏବଂ ବୈଷୟିକ କ୍ଷେତ୍ରରେ ମଧ୍ୟ ଏହି ପରିବର୍ତ୍ତନ ଗୁଡ଼ିକର ପ୍ରଭାବ ଅନୁଭୂତ ହେଉଛି । ତେଣୁ ଛାତ୍ରଛାତ୍ରୀମାନେ ସମୟର ଆବଶ୍ୟକତା ଅନୁଯାୟୀ ଶିକ୍ଷାର ସଠିକ୍ ଦିଗଟିକୁ କାର୍ଯ୍ୟରେ ପରିଣତ କରିବା ଉଚିତ୍ । ଶ୍ରୀମତୀ ମୁର୍ମୁ କହିଛନ୍ତି ବ୍ୟକ୍ତିଗତ ଲକ୍ଷ୍ୟ ଏବଂ ସାମାଜିକ ବ୍ୟବସ୍ଥା ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ରହିଛି ।

# ହରିୟାଣା-ନିର୍ବାଚନ

ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ପ୍ରଚାର କାର୍ଯ୍ୟ ଶେଷ ହେବ । ଆସନ୍ତା ଶନିବାର ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭା ଲାଗି ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ । ଅକ୍ଟୋବର ୮ରେ ଜାମ୍ମୁ କାଶ୍ମୀର ସହିତ ହରିଆଣା ନିମନ୍ତେ ଭୋଟ୍ ଗଣତି କରାଯିବ । ଇତିମଧ୍ୟରେ ନିର୍ବାଚନ ଆୟୋଗ ଅକ୍ଟୋବର ୫ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଏକ୍‌ଜିଟ୍ ପୋଲ୍ ଉପରେ ନିଷେଧାଦେଶ ଜାରି କରିଛନ୍ତି । ଏହି ନିଷେଧାଦେଶ ଅନୁଯାୟୀ ଛାପା, ଇଲେକ୍‌ଟ୍ରୋନିକ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଏକ୍‌ଜିଟ୍ ପୋଲ୍ ପ୍ରକାଶ କରାଯିବ ନାହିଁ । ନିୟମ ଉଲ୍ଲଂଘନ କଲେ ଦଣ୍ଡବିଧାନ ସହ ଆର୍ଥିକ ଜୋରିମାନା ବ୍ୟବସ୍ଥା କରାଯାଇଛି ।

ଆଜି ପ୍ରଚାରର ଶେଷ ଦିନରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଲାୟତ ଏବଂ ସଫିଦୋ ବିଧାନସଭା କ୍ଷେତ୍ରରେ ଜନସଭାକୁ ସମ୍ବୋଧନ କରିବେ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅମ୍ବାଲା ସିଟି ନିର୍ବାଚନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ଜନସଭା ଓ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ନୁହ, ମହେନ୍ଦ୍ରଗଡ, ଅଟେଲି ଏବଂ ନାରନୋର ଓ ଦଳୀୟ ନେତା ଦିପେନ୍ଦ୍ର ସିଂହ ହୁଡା ଭିବାନି, ଶିର୍‌ସା ଓ ଯମୁନାନଗର ଜିଲ୍ଲାରେ ପ୍ରଚାର କାର୍ଯ୍ୟ କରିବେ ।

# ପିଏମ୍-ନବରାତ୍ରୀ

ନବରାତ୍ରିର ଶୁଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଶକ୍ତି ବନ୍ଦନାକୁ ସମର୍ପିତ ଏହି ପବିତ୍ର ପର୍ବ ସମସ୍ତଙ୍କ ପାଇଁ ଶୁଭମୟ ହେଉ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଯୋଡ଼ହସ୍ତରେ ମା' ଶୈଳପୁତ୍ରୀଙ୍କ ପୂଜା କରିଛନ୍ତି । ସାରା ଦେଶବାସୀ ମା' ଶୈଳପୁତ୍ରୀଙ୍କ ଆଶୀର୍ବାଦରେ ସକୁଶଳ ରହିବେ ବୋଲି ସେ କାମନା କରିଛନ୍ତି ।

# ବଦଲାପୁର-ଯୌନ ଶୋଷଣ ମାମଲା

ମହାରାଷ୍ଟ୍ରର ବଦଲାପୁର ଆଦର୍ଶ ବିଦ୍ୟାଳୟର ଦୁଇଜଣ ନାବାଳିକାଙ୍କୁ ଯୌନ ଉତ୍ପୀଡନ ମାମଲାରେ ଥାନେର ଅପରାଧ ଶାଖା ବିଦ୍ୟାଳୟର ୨ଜଣ ଅଧିକାରୀ ଉଦୟ କୋତଓ୍ୱାଲ ଏବଂ ତୁଷାର ଆପ୍‌ତେଙ୍କୁ ଗିରଫ କରିଛି । ସଂପୃକ୍ତ ସ୍କୁଲର ଜଣେ ସଫେଇ କର୍ମଚାରୀ ୨ଜଣ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସ୍କୁଲର ଦୁଇ ଅଧିକାରୀଙ୍କୁ ରାଇଗଡ ଜିଲ୍ଲା କରଜାଟରୁ ଗିରଫ କରାଯିବା ପରେ ସ୍ୱତନ୍ତ୍ର ଯାଞ୍ଚ ଦଳକୁ ହସ୍ତାନ୍ତର କରାଯାଇଛି । ସେହି ଦୁଇ ଅଧିକାରୀଙ୍କ ବିରୋଧରେ ପକ୍ସୋ ଆଇନ୍‌ର ବିଭିନ୍ନ ଧାରାରେ

ମାମଲା ରୁଜୁ କରାଯାଇଛି । ବମ୍ବେ ଉଚ୍ଚ ନ୍ୟାୟାଳୟ ଉଭୟ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଛି । ଏହି ମାମଲାରେ ସ୍ୱତନ୍ତ୍ର ଯାଞ୍ଚ ଦଳ ଦୁଇଟି ଅଭିଯୋଗପତ୍ର ଦାଖଲ କରିଥିବା ଜଣାପଡିଛି । ଘଟଣାର ମୁଖ୍ୟ ଅଭିଯୁକ୍ତ ଅକ୍ଷୟ ସିନ୍ଦେର ଗତମାସରେ ପୋଲିସ ଗୁଳିରେ ମୃତ୍ୟୁ ହୋଇଥିଲେ ।

## ନେପାଳ ବନ୍ୟା

ନେପାଳରେ ବନ୍ୟା ଏବଂ ଭୂ-ସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୨୩୩କୁ ବୃଦ୍ଧି ପାଇଛି । ଏପର୍ଯ୍ୟନ୍ତ ୨୨ଜଣ ଲୋକ ନିଖୋଜ ଥିବା କୁହାଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ଶହେ ଅଣସ୍ତରୀ ଜଣ ଆହତ ହୋଇଛନ୍ତି । ସେଠାକାର ଗୃହମନ୍ତ୍ରଣାଳୟ ମୁଖପାତ୍ର ରୁଷିରାମ ତିୱାରୀ କହିଛନ୍ତି ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ୧୭ହଜାର ୧୨୦ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସରକାରୀ ସଂସ୍ଥାଗୁଡ଼ିକ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ଗମନାଗମନ ସୁ-ବ୍ୟବସ୍ଥିତ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି ।

# ବିହାର-ବନ୍ୟା

ବିହାରର କୋଷି ଏବଂ ଗଣ୍ଡକ ନଦୀର ବନ୍ୟାଜଳ ତୀବ୍ରବେଗରେ ପ୍ରବାହିତ ହେଉଥିବାରୁ ସହର୍ଷା, ଦରଭଙ୍ଗା, ମଧୁବନୀ ଏବଂ ଖଗଡିଆ ଜିଲ୍ଲାର ଅନେକ ଗାଁ ଜଳମଗ୍ନ ହୋଇଛି । ନେପାଳରେ ଆସନ୍ତା ୨୪ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ କୋଷି ଏବଂ ସୀମାଞ୍ଚଳ କ୍ଷେତ୍ର ଗୁଡ଼ିକରେ ସତର୍କତା ଜାରି କରାଯାଇଛି । ନେପାଳରେ ହେଉଥିବା ବର୍ଷା ଯୋଗୁଁ ବିହାରରେ ବହୁଥିବା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିପାଇଛି । ରାଜ୍ୟର ୩୮ଟି ଜିଲ୍ଲାରୁ ୧୭ଟି ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଛି । ପାଖାପାଖି ୧୫ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ସଡ଼କ, ପୋଲ ଏବଂ ରେଳଲାଇନ୍ କ୍ଷତିଗ୍ରସ୍ତ ହୋଇଛି । ସହର୍ଷା-ମାନସୀ ରେଳମଣ୍ଡଳରେ ବିଭିନ୍ନ ସ୍ଥାନରେ ବନ୍ୟାପାଣି ପ୍ରବେଶ କରିଛି ।

# ପ୍ରଧାନମନ୍ତ୍ରୀ-ଆର୍ଥିକ ସମ୍ମିଳନୀ

ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା କୌଟିଲ୍ୟ ଆର୍ଥିକ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧନ କରିବେ । ଆସନ୍ତାକାଲିଠାରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ କୌଟିଲ୍ୟ ଅର୍ଥନୀତି ଆର୍ଥିକ ସମ୍ମିଳନୀର ତୃତୀୟ ସଂକଳନ ଅନୁଷ୍ଠିତ ହେବ । ଚଳିତବର୍ଷ ସମ୍ମିଳନୀରେ ସବୁଜ

ପରିବର୍ତ୍ତନ ଦିଗରେ ଅର୍ଥନୀତି ଏବଂ ଭୂ-ଆର୍ଥିକ ଓ ବିକାଶ ସମ୍ପର୍କିତ ବିଷୟ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ଭାରତ ତଥା ବିଦେଶର ବିଶେଷଜ୍ଞମାନେ ତଥା ନୀତି ନିର୍ଦ୍ଧାରକମାନେ ଭାରତୀୟ ଅର୍ଥ ବ୍ୟବସ୍ଥା କ୍ଷେତ୍ରରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ବିଶ୍ୱର କୋଣ ଅନୁକୋଣରୁ ବକ୍ତାମାନେ ଏହି ସମ୍ମିଳନୀରେ ଭାଗନେବେ ।

## ଇଡି-କ୍ରିକେଟର

ହାଇଦ୍ରାବାଦ କ୍ରିକେଟ ସଂଘ ସହ ଜଡିତ ଅର୍ଥ ହେରଫେର ମାମଲାରେ କ୍ରିକେଟରରୁ ନେତା ପାଲଟିଥିବା ମହମ୍ମଦ ଆଝାରୁଦ୍ଦିନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହାଜର ହେବା ଲାଗି ସମନ ଜାରି କରିଛି । ହାଇଦ୍ରାବାଦ କ୍ରିକେଟ ସଂଘର ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ଆଝାରୁଦ୍ଦିନ ନିଜ କାର୍ଯ୍ୟକାଳ ସମୟରେ ଅର୍ଥ ହେରଫେର କରିଥିବା ଅଭିଯୋଗ ହୋଇଛି । ପ୍ରଥମଥର କୌଣସି କଂଗ୍ରେସ ନେତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଯାଞ୍ଚ ଲାଗି ସମନ ପଠାଇଥିବା ଜଣାପଡିଛି । ମହମ୍ମଦ ଆଝାରୁଦ୍ଦିନଙ୍କୁ ଅର୍ଥ ହେରଫେର ମାମଲାରେ ନିଜ ପକ୍ଷ ରଖିବାଲାଗି ଇଡି ନିର୍ଦ୍ଦେଶ ଦେଇଛି । ସୂଚନା ଅନୁଯାୟୀ ହାଇଦ୍ରାବାଦର ଉପଲରେ ରାଜୀବଗାନ୍ଧୀ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପାଇଁ ଡିଜେଲ ଜେନେରେଟର ଏବଂ ଅଗ୍ନି ନିର୍ବାପକ ବ୍ୟବସ୍ଥା

ନିମନ୍ତେ ଯନ୍ତ୍ରପାତି କ୍ରୟ ପାଇଁ ୨୦ କୋଟି ଟଙ୍କାର ହେରଫେର ହୋଇଛି । ଏହି ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତବର୍ଷ ନଭେମ୍ବର ମାସରେ ତେଲେଙ୍ଗାନାର ୯ଟି ସ୍ଥାନରେ ଚଢ଼ଉ କରିଥିଲା । ଏଥିରେ ହାଇଦ୍ରାବାଦ କ୍ରିକେଟ ସଂଘର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ସଚିବଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇ ସନ୍ଦେହଜନକ କାଗଜପତ୍ର ଜବତ କରାଯାଇଥିଲା ।

## ଗୁଟେରସ-ଶାନ୍ତି

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଲେବାନନ୍‌ରେ ଶାନ୍ତି ସ୍ଥାପନ ନିମନ୍ତେ ସେନା ପଠାଉଥିବା ଭାରତ ଏବଂ ଅନ୍ୟ ଦେଶର ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଶାନ୍ତି ଅଭିଯାନରେ ଯାଇଥିବା ସୈନିକ ମାନେ ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷର ସାମ୍ନା କରୁଛନ୍ତି ।  ଗତକାଲି ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଜାତିସଂଘ ସୁରକ୍ଷା ପରିଷଦର ଏକ ଜରୁରୀ ବୈଠକରେ ଶ୍ରୀ ଗୁଟେରସ କହିଛନ୍ତି ଲେବାନନ୍‌ରେ ଜାତିସଂଘ ସୈନ୍ୟବଳ ଉପସ୍ଥିତ ଅଛନ୍ତି ଓ ସେଠାକାର ପରିସ୍ଥିତି ଉପରେ ନଜର ରଖିଛନ୍ତି । ସୂଚନା ଅନୁଯାୟୀ ଯୁକ୍ତରାଷ୍ଟ୍ର ସୈନ୍ୟ ବଳରେ ୯୦୦ରୁ ଅଧିକ ଭାରତୀୟ ସୈନିକ ଇସ୍ରାଏଲ ଏବଂ ଲେବାନନ୍ ସୀମାରେ ନିୟୋଜିତ ଅଛନ୍ତି ।

# ଡାକ୍ତର-ବିରୋଧ ପ୍ରଦର୍ଶନ

ପଶ୍ଚିମବଙ୍ଗରେ ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟା ମାମଲା ନେଇ ଗତକାଲି ମହାଳୟା ଅବସରରେ ଜୁନିୟର ଡାକ୍ତରମାନେ ଏକ ବିଶାଳ ର୍‍ୟାଲି କରିଥିଲେ । ବେଙ୍ଗଲ କନିଷ୍ଠ ଡାକ୍ତର ସାମ୍ମୁଖ୍ୟ ଦ୍ୱାରା ଆୟୋଜିତ ର୍‍ୟାଲି କଲେଜଷ୍ଟ୍ରିଟ୍‌ରୁ ଆରମ୍ଭ ହୋଇ ଏସ୍‌ପ୍ଲାନେଡରେ ଶେଷ ହୋଇଥିଲା । ଏଥିରେ ଡାକ୍ତର, ନର୍ସ, ମେଡ଼ିକାଲ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକେ ସାମିଲ ହୋଇଥିଲେ । ପରେ ବିକ୍ଷୋଭକାରୀମାନେ ଗଙ୍ଗାନଦୀ କୂଳରେ ନ୍ୟାୟ ଦାବିରେ ହଜାର ହଜାର ଦ୍ୱୀପ ପ୍ରଜ୍ୱଳନ କରିଥିଲେ ।

ଇତିମଧ୍ୟରେ ଆର୍‌ଜିକର ହସ୍ପିଟାଲ ପରିସରରେ ଅଭୟାର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ବିକ୍ଷୋଭକାରୀ ଡାକ୍ତରକାନେ ଗତ ଅଗଷ୍ଟ ୯ରେ ଘଟିଥିବା ଘଟଣାରେ ନ୍ୟାୟ ଭିକ୍ଷା ସ୍ୱରୂପ ବିରୋଧ ପ୍ରଦର୍ଶନର ପ୍ରତୀକଭାବେ ଏହା କରାଯାଇଥିବା କହିଛନ୍ତି ।

# ଫ୍ଲାଇଟ୍-ଆଫେକ୍ଟେଡ୍

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସଂଘର୍ଷ ଏବଂ ଯୁଦ୍ଧ ପରିସ୍ଥିତି ବୃଦ୍ଧି ପାଉଥିବାରୁ ବିଶ୍ୱସ୍ତରରେ ବିମାନ ଯାତ୍ରା ବହୁଳ ଭାବରେ ପ୍ରଭାବିତ ହେଉଛି । ବିଶ୍ୱସ୍ତରରେ ବିମାନ ଉଡ଼ାଣ ସଂପର୍କରେ ସମୀକ୍ଷା କରୁଥିବା ସଂସ୍ଥା ଫ୍ଲାଇଟ୍ ରାଡାର ଟ୍ୱେଣ୍ଟି ଫୋର୍ ର ସୂଚନା ଅନୁଯାୟୀ ମଧ୍ୟପ୍ରାଚ୍ୟ

ଅଞ୍ଚଳରେ ଆକ୍ରମଣ ପ୍ରତିଆକ୍ରମଣ ଲାଗିରହିଥିବାରୁ ବିମାନ କମ୍ପାନୀଗୁଡ଼ିକ ବିମାନ ଉଡ଼ାଣ ସମୟରେ ମାର୍ଗ ପରିବର୍ତ୍ତନ କରୁଛନ୍ତି ଏବଂ ଅନେକ କ୍ଷେତ୍ରରେ ଉଡ଼ାଣ ରଦ୍ଦ କରୁଛନ୍ତି । ଲେବାନନ୍, ଇସ୍ରାଏଲ୍ ଏବଂ କୁଏତର ଅନେକ ବିମାନ ବନ୍ଦରରୁ ବିମାନ ଉଡ଼ାଣ ଓ ଅବତରଣ ପ୍ରକ୍ରିୟା ପରିଚାଳନା ନିମନ୍ତେ ବିଳମ୍ବ ଘଟୁଛି ।

ୟୁରୋପୀୟ ସଂଘ ବିମାନ ସୁରକ୍ଷା ସଂସ୍ଥା ପକ୍ଷରୁ ସମସ୍ତ ୟୁରୋପୀୟ ବିମାନ କମ୍ପାନୀ ଗୁଡ଼ିକୁ ଇରାନ ଆକାଶ ପଥଠାରୁ ଦୂରେଇ ରହିବା ଲାଗି କୁହାଯାଇଛି । ମଙ୍ଗଳବାର ଦିନ ଇସ୍ରାଏଲ୍ ଉପରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ୍ ଦ୍ୱାରା ଆକ୍ରମଣ ଘୋଷଣା ପରେ ବିମାନ ସୁରକ୍ଷା ସଂସ୍ଥା ଏହି ପରାମର୍ଶ ଜାରି କରିଛି । ଇରାନର ଆକାଶ ପଥରେ ଆଦୌ ଉଡ଼ାଣ ନ କରିବା ଲାଗି ବିମାନ କମ୍ପାନୀଗୁଡ଼ିକୁ କୁହାଯାଇଛି । ଏଭଳି ପରିସ୍ଥିତି ଯୋଗୁଁ ଦୁବାଇ ଆନ୍ତର୍ଜାତିକ ବିମାନ ବନ୍ଦରରୁ ୮୫ ପ୍ରତିଶତ ଉଡ଼ାଣ ବିଳମ୍ବିତ ହୋଇଛି ।

# ହରିକେନ୍-ହେଲେନ୍

ଆମେରିକାରେ ଘୂର୍ଣ୍ଣିଝଡ଼ **ହେଲେନ୍** ପ୍ରଭାବରେ ମୃତ୍ୟୁସଂଖ୍ୟା ୧୮୩କୁ ବୃଦ୍ଧି ପାଇଛି । ଦକ୍ଷିଣ-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ ୧୦୦ରୁ ଅଧିକ ଲୋକ ନିଖୋଜ ଥିବା ଜଣାପଡ଼ିଛି । ଉତ୍ତର

କାରୋଲିନାରେ ୯୦ ଜଣଙ୍କର ମୃତ୍ୟୁ ଘଟିଛି । ଘୂର୍ଣ୍ଣିଝଡ଼ ପରେ ବିଦ୍ୟୁତ୍ ସଂଯୋଗ ପୁନରୁଦ୍ଧାର କରାଯାଇଥିଲେ ମଧ୍ୟ ଫ୍ଲୋରିଡାରୁ ଭର୍ଜିନିଆ ମଧ୍ୟରେ ପ୍ରାୟ ଦେଢ଼ ମିଲିୟନ୍‌ରୁ ଅଧିକ ଲୋକ ଏବେ ମଧ୍ୟ ଅନ୍ଧାରରେ ରହିଛନ୍ତି । ଆଜି ରାଷ୍ଟ୍ରପତି ଜୋ ବାଇଡେନ୍ ଉତ୍ତର କାରୋଲିନା ଗସ୍ତ କରିବେ । ଇତିମଧ୍ୟରେ ଶ୍ରୀ ବାଇଡେନ୍ ୧ ହଜାରରୁ ଅଧିକ ପ୍ରତିରକ୍ଷା ବିଭାଗ କର୍ମଚାରୀଙ୍କୁ ଉତ୍ତର କାରୋଲିନାରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ନିୟୋଜିତ କରିଛନ୍ତି । ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ଆଜି ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ । ଗତକାଲି ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍‌ଡ ଟ୍ରମ୍ପ ଜର୍ଜିଆ ଗସ୍ତ କରିଥିଲେ ।

## ଆଇସିସି ମହିଳା ଟି-୨୦ ବିଶ୍ୱକପ୍

ୟୁଏଇ ର ସାରଜା ଠାରେ ଆଜିଠାରୁ ଆଇସିସି ନବମ ମହିଳା ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍ ବାଙ୍ଗଲାଦେଶ ଏବଂ ସ୍କଟଲ୍ୟାଣ୍ଡ ମଧ୍ୟରେ ଭାରତୀୟ ସମୟ ଆଜି ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ । ଆଜିର ଦ୍ୱିତୀୟ ମ୍ୟାଚ୍ ସଂଧ୍ୟା ୭ଟା ୩୦ରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହେବ ।

ଆସନ୍ତା ଶୁକ୍ରବାର ଦିନ ଭାରତ' ନିଉଜିଲ୍ୟାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ଗତକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ କ୍ୟାପଟେନ୍ସ ଡେ

କାର୍ଯ୍ୟକ୍ରମରୁ ଏହାର ଆରମ୍ଭ ହୋଇଛି, ଯେଉଁଥିରେ ୧୦ଟି ଟିମ୍‌ର ଖେଳାଳିମାନେ ପଡ଼ିଆରେ ଉପସ୍ଥିତ ଥିଲେ । ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ଟିମ୍ ଭାଗ ନେଉଛନ୍ତି । ଆସନ୍ତା ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଗ୍ରୁପ୍-ଏ ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ ଏବଂ ଶ୍ରୀଲଙ୍କା ଥିବା ବେଳେ ଗ୍ରୁପ୍-ବି ରେ ବାଂଲାଦେଶ, ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ଦଳ ଅଛନ୍ତି ।